ଡାକ୍ତରଖାନାର ବର୍ଜ୍ୟବସ୍ତୁ ପରିଚାଳନା ସହାୟକ ପୁସ୍ତିକା

(ଡାକ୍ତରଖାନାର ସମସ୍ତ କର୍ମଚାରୀଙ୍କ ପାଇଁ)

BIO- HAZARD

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଓଡିଶା

ମୁଖବନ୍ଧ

ଆମେ ସମସ୍ତେ ଜାଣୁ ଆମ ରାଜ୍ୟରେ ପ୍ରତ୍ୟେକ ଡାକ୍ତରଖାନାରେ ବହୁ ପରିମାଣରେ ଆବର୍ଜନା ଉତ୍ପନ୍ନ ହୋଇଥାଏ। ଏହି ଆବର୍ଜନା ଭିତରେ ପ୍ରାୟ ଶତକଡା ୧୫-୨୦ ଭାଗ ଆବର୍ଜନା ଥାଏ, ଯାହା ରୋଗୀର ରୋଗ ଚିହ୍ନଟୀକରଣ, ପରୀକ୍ଷା ଓ ଚିକିତ୍ସା ପଦ୍ଧତିରୁ ଉତ୍ପନ୍ନ ହୁଏ। ଏହି ଆବର୍ଜନାର ପରିମାଣ ସାଧାରଣ ଆବର୍ଜନା ସହ ମିଶି ବାୟୁ ସଂକ୍ରମଣ, ଜଳ ସଂକ୍ରମଣ ଏବଂ ମୃତ୍ତିକା ସଂକ୍ରମଣ କରିଥାଏ ଏବଂ ହେପାଟାଇଟିସ 'ବି', ହେପାଟାଇଟିସ୍ 'ସି', ଏଡସ୍, କ୍ୟାନସର ଜଳବାହିତ ରୋଗ ଟିବି ଭଳି ଡେଙ୍ଗୁ ମାରାତ୍ମକ ରୋଗ ସୃଷ୍ଟି ହୋଇଥାଏ ଯାହାଦ୍ୱାରା ଅନେକ ଜନଜୀବନ ପ୍ରଭାବିତ ହୋଇଥାଏ।

ଏହି ଆଶୁ ବିପଦକୁ ଏଡାଇବାକୁ ହେଲେ ଡାକ୍ତରଖାନାରେ ଉତ୍ପନ୍ନ ଆବର୍ଜନାର ସୁପରିଚାଳନା ହେବା ଆବଶ୍ୟକ। ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏଥି ନିମନ୍ତେ ୧୯୯୮ ମସିହାରେ ଏକ ଆଇନ୍ ପ୍ରଣୟନ କରିଥିଲେ। ଉକ୍ତ ନିୟମ ମାର୍ଚ୍ଚ ୨୦୧୬ ମସିହାରେ ପୁନଃ ପ୍ରଣୟନ ହୋଇଛି ଏବଂ ଏହି ନିୟମ ଅନୁସାରେ ସମସ୍ତ ଡାକ୍ତରଖାନାରୁ ଉତ୍ପନ୍ନ ହେଉଥିବା ଜୈବ ଆବର୍ଜନାର ପୃଥକୀକରଣ, ସଂଗ୍ରହ, ବିଶୋଧନ ଏବଂ ବିଲୟୀ କରଣ କରିବା ନିତ୍ୟନ୍ତ ଆବଶ୍ୟକ। ଡାକ୍ତରଖାନାର ପ୍ରତ୍ୟେକ ଶ୍ରେଣୀର କର୍ମଚାରୀ ଏହି କାର୍ଯ୍ୟରେ ସହଯୋଗ ନକଲେ ଆବର୍ଜନା ଗୁଡିକ ନିୟମ ଅନୁସାରେ ପରିଚାଳନା ହୋଇପାରିବ ନାହିଁ। ବିଶେଷ କରି ଏଥିପାଇଁ ଡାକ୍ତର ସେବିକା ଓ ସହକର୍ମଚାରୀ (Paramedical Staff) ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ବୁଝିପାରିବା ଭଳି ସରଳ ଭାଷାରେ ଡାକ୍ତରଖାନା ଅବର୍ଜନା ପରିଚାଳନା ଅନ୍ତର୍ଗତ ନୀତିନିୟମ ଗୁଡିକୁ ଏହି ସଂକ୍ଷିପ୍ତ ପୁସ୍ତିକାରେ ଉପସ୍ଥାପନା କରାଯାଇଛି। ମୋର ବିଶ୍ୱାସ ଏହି ସଂକ୍ଷିପ୍ତ ସହାୟକ ପୁସ୍ତିକା ଡାକ୍ତରଖାନାରେ କାର୍ଯ୍ୟରତ ସମସ୍ତ ସହାୟକ କର୍ମଚାରୀ ମାନଙ୍କର ସାହାଯ୍ୟରେ ଆସିବ। ଆଶାକରେ ସମସ୍ତେ ଏହି ପୁସ୍ତିକାରେ ଥିବା ନିୟମକୁ ପାଳନ କରି ଆମ ଡାକ୍ତରଖାନା ଗୁଡିକୁ ସରସ ସୁନ୍ଦର ଓ ପରିଷ୍କାର କରିବାରେ ସହଯୋଗ କରିବେ।

"ସ୍ୱଚ୍ଛ ଡାକ୍ତରଖାନା, ସୁସ୍ଥ ପରିବେଶ, ସୁସ୍ଥ ଆମେ।"

ଡା ଜ୍ଞାନୀନ୍ଦ୍ର କୁମାର ତ୍ରିପାଠୀ

ତାରିଖ: ୦୨.୦୩.୨୦୧୭
ଯୋଗାଯୋଗ: ୦୬୭୪-୨୩୯୧୮୨୬

ନିର୍ଦ୍ଦେଶକ
ରାଜ୍ୟ ବର୍ଜ୍ୟବସ୍ତୁ ପରିଚାଳନା ସେଲ୍
ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଓଡିଶା

ପ୍ରତ୍ୟେକ ଘର ପରି ଡାକ୍ତରଖାନାରେ ମଧ୍ୟ ପ୍ରତ୍ୟେକ ଦିନ ପ୍ରଚୁର ପରିମାଣର ଆବର୍ଜନା ସୃଷ୍ଟି ହୁଏ। ମାତ୍ର ରୋଗୀମାନଙ୍କ ଚିକିତ୍ସା ପଦ୍ଧତିରୁ ସୃଷ୍ଟି ହେଉଥିବା ଆବର୍ଜନା (Bio-Medical) ସମୁଦାୟ ଆବର୍ଜନାର ଶତକଡା ପ୍ରାୟ ୧୫ ଭାଗ ହେଲେ ବି ଏହା ଅତ୍ୟନ୍ତ ବିପଦଜ୍ଜନକ ଅଟେ। ଏହି ସ୍ୱଳ୍ପଭାଗ ସଂକ୍ରାମକ ବର୍ଯ୍ୟବସ୍ତୁ ସାଧାରଣ ଆବର୍ଜନା ସହିତ ମିଶିଯାଉଥିବାରୁ ଅଧିକ ଜଟିଳ ଅବସ୍ଥା ସୃଷ୍ଟିକରେ।

ଡାକ୍ତରଖାନାର ବର୍ଜ୍ୟବସ୍ତୁ ମାରାତ୍ମକ କାହିଁକି ?

୧. ଟି.ବି, ଡାଇରିଆ, ଏଡସ୍, ହେପାଟାଇଟିସ୍ ଭଳି ସଂକ୍ରାମକ ରୋଗ ଜୀବାଣୁ ବହନ କରେ, ଯାହା ଦ୍ୱାରା ଡାକ୍ତରଖାନାର କର୍ମଚାରୀ, ରୋଗୀ ଓ ଜନସାଧାରଣ ଆକ୍ରାନ୍ତ ହୋଇପାରନ୍ତି।

୨. ଛୁଞ୍ଚ, ଭଙ୍ଗାକାଚ ଓ ବ୍ୟବହୃତ ବ୍ଲେଡ୍ ଇତ୍ୟାଦି ତୀକ୍ଷ୍ଣ ବସ୍ତୁ ଏକତ୍ର ମିଶିଥିବା ଯୋଗୁ ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ଆସୁଥିବା କର୍ମଚାରୀ ଆଘାତ ପାଇପାରନ୍ତି ଏବଂ ରୋଗ ସଂକ୍ରମଣ ସହଜରେ ହୋଇଥାଏ।

୩. ବର୍ଜ୍ୟବସ୍ତୁ ଡାକ୍ତରଖାନା ପରିସରରେ ଏଣେତେଣେ ପଡିବା ଯୋଗୁ ଦୁର୍ଗନ୍ଧ ସୃଷ୍ଟିହୁଏ ଏବଂ ମଶା, ମାଛି, ମୂଷା ଓ କୀଟପତଙ୍ଗ ମାନଙ୍କର ବଂଶବୃଦ୍ଧିରେ ସାହାଯ୍ୟ କରେ ଓ ପଶୁମାନଙ୍କୁ ଆକୃଷ୍ଟ କରେ।

୪. ନଳା ଓ ସ୍ୱରେଜ୍ ଲାଇନ୍‌ରେ କଠିନ ଆବର୍ଜନା ଓ ପଲିଥିନ୍ ବ୍ୟାଗ ପଡିଲେ ବାଟ ବନ୍ଦକରେ ଡାକ୍ତରଖାନାର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡେ।

ଉପରୋକ୍ତ ନିଶ୍ଚିତ ଓ ସମ୍ଭାବ୍ୟ ବିପଦକୁ ଲକ୍ଷ୍ୟକରି ବିଗତ ଶତାବ୍ଦୀରେ ଶେଷ ଦଶନ୍ଧିରେ ଅନେକ ଜନସ୍ୱାସ୍ଥ୍ୟ ମାମଲା ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି କରାଯାଇ ଉଲ୍ଲେଖନୀୟ ରାୟ ପ୍ରକାଶ ପାଇଥିଲା ଫଳତଃ ଭାରତ ସରକାରଙ୍କର ଆଇନ ଯାହାର ନାମ ହେଲା "ବାୟୋମେଡିକାଲ ଓ୍ୱେଷ୍ଟ (ମ୍ୟାନେଜମେଣ୍ଟ ଆଣ୍ଡ ହ୍ୟାଣ୍ଡଲିଙ୍ଗ) ରୁଲସ୍ ୧୯୯୮", ଅନୁସାରେ ପ୍ରତ୍ୟେକ ସ୍ୱାସ୍ଥ୍ୟ ଅନୁଷ୍ଠାନ (ସରାକାରୀ ଓ ଘରୋଇ ଯେଉଁଠାରେ ମାସକୁ ଏକ ହଜାର ରୋଗୀ ଚିକିତ୍ସିତ ହେଉଥିବେ, ସେମାନେ ବୈଜ୍ଞାନିକ ପଦ୍ଧତିରେ ଡାକ୍ତରଖାନା ଆବର୍ଜନା ଗୁଡିକୁ ପରିଚାଳନା କରିବା ପାଇଁ ବାଧ। ଭାରତ ସରକାରଙ୍କ ଦ୍ୱାରା ଏହି ଆଇନ ତା. ୨୮. ୦୩. ୨୦୧୬ ରିଖ ଦିନ ପୁନଃ ସଂଶୋଧନ କରାଯାଇଅଛି। ଏହି ସଂଶୋଧିତ ଆଇନ ଅନୁସାରେ ଡାକ୍ତରଖାନାରେ ସୃଷ୍ଟି ହେଉଥିବା ଆବର୍ଜନାକୁ (୧୨ ପ୍ରକାରରେ) ବିଭକ୍ତ କରାଯାଇଛି। ଏହି

ଆବର୍ଜନା ମାନଙ୍କର ସଂଗ୍ରହ ହେତୁ ୫ ପ୍ରକାରର ରଙ୍ଗୀନ ବାଲ୍‌ଟି/ବିନ୍ ଉପଲବ୍ଧ ଏବେ ପ୍ରତ୍ୟେକ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଉକ୍ତ ଆଇନର ଖିଲାପ କଲେ ଦଣ୍ଡିତ ହେବାର ବ୍ୟବସ୍ଥା କରାଯାଇଅଛି।

କ୍ଷମତା ପ୍ରାପ୍ତ କର୍ତ୍ତୃପକ୍ଷ: (ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ)

କେନ୍ଦ୍ରୀୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଜାତୀୟ ସ୍ତରରେ ଏହି ଆଇନକୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଇବା ନିମନ୍ତେ କ୍ଷମତା ପ୍ରାପ୍ତ ଅଟେ। ଆମ ରାଜ୍ୟ ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗ କେନ୍ଦ୍ରୀୟ ନିୟମ ଅନୁସାରେ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡକୁ କ୍ଷମତା ପ୍ରଦାନ କରିଛନ୍ତି। ଡାକ୍ତରଖାନା ଗୁଡିକର ଆବର୍ଜନାର ପରିଚାଳନା ନିୟମ ଅନୁଯାୟୀ କରିବା ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରତ୍ୟେକ ସରକାରୀ ଡାକ୍ତରଖାନା ଓ ଡାକ୍ତରୀ କଲେଜ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇ ଅଛି।

ଡାକ୍ତରଖାନା ଆବର୍ଜନାର ପ୍ରକାର ଭେଦ: (Bin / ବ୍ୟବହୃତ ଥଳିର ପ୍ରକାର ଭେଦ)

୧) ହଳଦିଆ:	ବିଭିନ୍ନ ପ୍ରକାର ଆବର୍ଜନା	କେଉଁ ପ୍ରକାର ଥଳି ବ୍ୟବହାର କରାଯିବ।	ବ୍ୟବହାର ବିଲୟର ଉପାୟ
	କ) ମଣିଷ ଶରୀରର ଆବର୍ଜନା : ମଣିଷ କୋଷ, ଅଙ୍ଗପ୍ରତ୍ୟଙ୍ଗ, ମୃତ ଶିଶୁ (୨୦ ସପ୍ତାହରୁ କମ୍ ବୟସ୍କ) ଇତ୍ୟାଦି।	ହଳଦିଆ ବ୍ୟାଗ୍	ଇନ୍‌ସିନିରେସନ୍ / ଡିପ୍ ବରିଆଲ୍ / ପ୍ଲାଜ୍‌ମା ପାଇରୋଲିସିସ୍
	ଖ) ଜୀବଜନ୍ତୁଙ୍କ ଆବର୍ଜନା (ପଶୁ ମଢ, କୋଷ, ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ, ବିଭିନ୍ନ ପରୀକ୍ଷାଗାର ଏବଂ ବ୍ୟବଚ୍ଛେଦ ପ୍ରକୋଷ୍ଠରୁ ବାହାରୁଥିବା ଆବର୍ଜନା	ହଳଦିଆ ବ୍ୟାଗ୍	ଇନ୍‌ସିନରେସନ୍ / ଡିପ୍ ବରିଆଲ୍ / ପ୍ଲାଜ୍‌ମା ପାଇରୋଲିସିସ୍
	ଗ) ରକ୍ତ ଭିଜା ତୁଳା, ଗଜ କପଡା, ଡ୍ରେସିଂ କପଡା ଏବଂ ରକ୍ତ ଭିଜା ଅନ୍ୟାନ୍ୟ ଆବର୍ଜନା	ହଳଦିଆ ବ୍ୟାଗ୍	ଉପରୋକ୍ତ ସୁବିଧା ଉପଲବ୍ଧ ନଥିଲେ autoclaving / hydroclaving ମାଧମରେ ବିଲୟ କରାଯିବ। ଆବର୍ଜନା ସବୁ ଶକ୍ତି ଉତ୍ପାଦନ ନିମନ୍ତେ ପଠାଯିବ।
	ଘ) ପରିତ୍ୟକ୍ତ ଔଷଧ ଯଥା antibiotics, cytotoxic drugs ଇତ୍ୟାଦି	ହଳଦିଆ ବ୍ୟାଗ୍	ଉକ୍ତ ଔଷଧ ସବୁ district central drugs ware house ପାଖକୁ ପଠାଯିବ।

୧) ହଳଦିଆ:	ବିଭିନ୍ନ ପ୍ରକାର ଆବର୍ଜନା	କେଉଁ ପ୍ରକାର ଥଳି ବ୍ୟବହାର କରାଯିବ ।	ବ୍ୟବହାର ବିଳୟର ଉପାୟ
	ଙ) ରାସାୟନିକ ଆବର୍ଜନା	ହଳଦିଆ ବ୍ୟାଗ୍	ଇନ୍‌ସିନିରେସନ୍ / ପ୍ଲାଜ୍‌ମା ପାଇରୋଲିସିସ୍ ମାଧମରେ ବିଳୟ
	ଚ) ରାସାୟନିକ ତରଳ ଆବର୍ଜନା (ପରୀକ୍ଷାଗାରରୁ ନିର୍ଗତ ତରଳ ଆବର୍ଜନା, X-ray) ଧୋଇବା ନିମନ୍ତେ ବ୍ୟବହୃତ ତରଳ ଆବର୍ଜନା, ପରିତ୍ୟକ୍ତ ଫର୍ମାଲିନ୍ ଇତ୍ୟାଦି	ହଳଦିଆ ବ୍ୟାଗ୍	ଅନ୍ୟ ତରଳ ପଦାର୍ଥରେ ମିଶିବା ପୂର୍ବରୁ ଉକ୍ତ ତରଳ ଆବର୍ଜନା ଗୁଡ଼ିକୁ ବିଶୋଧନ କାରାଯିବା ପ୍ରତି ଧାନ ଦେବା ।
	ଛ) ରକ୍ତ ସଂକ୍ରମିତ ବେଡ଼ସିଟ୍/ କନା, କପଡ଼ା	ହଳଦିଆ ବ୍ୟାଗ୍	ଇନ୍‌ସିନିରେସନ୍ / ପ୍ଲାଜ୍‌ମା ପାଇରୋଲିସିସ୍ । ଉପରୋକ୍ତ ସୁବିଧା ନଥିଲେ ବିଶୋଧନ କରାଯାଇ Shredding/ Mutilation ମାଧମରେ ବିଳୟ କରିବା ।
	ଜ) ମାଇକ୍ରୋ ବାୟୋଲୋଜି/ ବାୟୋଟେକ୍ନୋଲୋଜି ଆବର୍ଜନା (ରକ୍ତଝୀ, ମଣିଷ ଏବଂ ଜୀବଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ, ଜୀବକୋଷ ଓ ଜୀବକୋଷ ନମୁନା) (Live & Attenuated Vaccine) ଇତ୍ୟାଦି	ହଳଦିଆ ବ୍ୟାଗ୍	Incineration (ଇନ୍‌ସିନିରେସନ୍) ର ପ୍ଲାଜମା ପାଇରୋଲିସିସ୍ / ରାସାୟନିକ ପଦ୍ଧତିରେ ବିଶୋଧନ କରିବା ।
୨. ନାଲି	ସଂକ୍ରମିତ ପ୍ଲାଷ୍ଟିକ ଆବର୍ଜନା <u>(ପୁନଃ ବ୍ୟବହାର ଯୋଗ୍ୟ)</u> ଟ୍ୟୁବ, ବୋତଲ, କ୍ୟାଥେଟର, ମୁତ୍ରଥଳୀ, ସାଲାଇନ୍, ଛୁଞ୍ଚି ବିହୀନ ସିରିଞ୍ଜ, ଗ୍ଲୋଭ୍, ଭାକ୍ୟୁଟେନରସ୍, ମାସ୍କ ଇତ୍ୟାଦି....	ନାଲିବ୍ୟାଗ୍	Autoclaving/ Microwaving ପରେ Shredding/ Multilat ion ମାଧମରେ ବିଳୟ କରିବା । ଉକ୍ତ ଆବର୍ଜନା ଗୁଡ଼ିକୁ outsourcing ମାଧମରେ ପଞ୍ଜିକୃତ recycler ଙ୍କୁ ଦେଇଦେବା ଉଚିତ୍ । ଏଥିରୁ ମିଳୁଥିବା ରାଶିକୁ R.K.S ରେ ଜମା କରାଯିବ ।
୩. ଧଳା	<u>**ତୀକ୍ଷ୍ଣ ଧାରୁଆ ଆବର୍ଜନା**</u> Multilated ଛୁଞ୍ଚି, ସିରିଞ୍ଜ, ବ୍ଲେଡ୍, ଆଦି ବ୍ୟବହୃତ ଏବଂ ସଂକ୍ରମିତ ଧାରୁଆ / ତୀକ୍ଷ୍ମ ଆବର୍ଜନା	ଛିଦ୍ରରୋଧକ Container (PPC)	ବିଶୋଧାନ (Disinfection) (With 10% Naocl) ସୋଡ଼ିୟମ ହାଇପୋକ୍ଲୋରାଇଡ୍ ସଲ୍ୟୁସନ୍ (କେମିକାଲ ଟ୍ରିଟ୍‌ମେଣ୍ଟ)/ ଅଟୋକ୍ଲେଭିଂ/ ମାଇକ୍ରୋୱେଭିଂ/ ମ୍ୟୁଟିଲେସନ୍ ।

୧) ହଳଦିଆ:	ବିଭିନ୍ନ ପ୍ରକାର ଆବର୍ଜନା	କେଉଁ ପ୍ରକାର ଥଳି ବ୍ୟବହାର କରାଯିବ ।	ବ୍ୟବହାର ବିଳୟର ଉପାୟ
	ଙ) ରାସାୟନିକ ଆବର୍ଜନା	ହଳଦିଆ ବ୍ୟାଗ୍	ଇନ୍‌ସିନିରେସନ୍ / ପ୍ଲାଜ୍‌ମା ପାଇରୋଲିସିସ୍ ମାଧମରେ ବିଳୟ
	ଚ) ରାସାୟନିକ ତରଳ ଆବର୍ଜନା (ପରୀକ୍ଷାଗାରରୁ ନିର୍ଗତ ତରଳ ଆବର୍ଜନା, X-ray) ଧୋଇବା ନିମନ୍ତେ ବ୍ୟବହୃତ ତରଳ ଆବର୍ଜନା, ପରିତ୍ୟକ୍ତ ଫର୍ମାଲିନ୍ ଇତ୍ୟାଦି	ହଳଦିଆ ବ୍ୟାଗ୍	ଅନ୍ୟ ତରଳ ପଦାର୍ଥରେ ମିଶିବା ପୂର୍ବରୁ ଉକ୍ତ ତରଳ ଆବର୍ଜନା ଗୁଡ଼ିକୁ ବିଶୋଧନ କାରାଯିବା ପ୍ରତି ଧ୍ୟାନ ଦେବା ।
	ଛ) ରକ୍ତ ସଂକ୍ରମିତ ବେଡ଼ସିଟ୍/ କନା, କପଡ଼ା	ହଳଦିଆ ବ୍ୟାଗ୍	ଇନ୍‌ସିନିରେସନ୍ / ପ୍ଲାଜ୍‌ମା ପାଇରୋଲିସିସ୍ । ଉପରୋକ୍ତ ସୁବିଧା ନଥିଲେ ବିଶୋଧନ କରାଯାଇ Shredding/ Mutilation ମାଧମରେ ବିଳୟ କରିବା ।
	ଜ) ମାଇକ୍ରୋ ବାୟୋଲୋଜି/ ବାୟୋଟେକ୍ନୋଲୋଜି ଆବର୍ଜନା (ରକ୍ତଥଳୀ, ମଣିଷ ଏବଂ ଜୀବଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ, ଜୀବକୋଷ ଓ ଜୀବକୋଷ ନମୁନା) (Live & Attenuated Vaccine) ଇତ୍ୟାଦି	ହଳଦିଆ ବ୍ୟାଗ୍	Incineration (ଇନ୍‌ସିନିରେସନ୍) ର ପ୍ଲାଜମା ପାଇରୋଲିସିସ୍ / ରାସାୟନିକ ପଦ୍ଧତିରେ ବିଶୋଧନ କରିବା ।
୨. ନାଲି	ସଂକ୍ରମିତ ପ୍ଲାଷ୍ଟିକ ଆବର୍ଜନା __(ପୁନଃ ବ୍ୟବହାର ଯୋଗ୍ୟ)__ ଟ୍ୟୁବ, ବୋତଲ, କ୍ୟାଥେଟର, ମୁତ୍ରଥଳୀ, ସାଲାଇନ୍, ଛୁଞ୍ଚି ବିହୀନ ସିରିଞ୍ଜ, ଗ୍ଲୋଭ୍, ଭାକ୍ୟୁଟେନରସ୍, ମାସ୍କ ଇତ୍ୟାଦି....	ନାଲିବ୍ୟାଗ୍	Autoclaving/ Microwaving ପରେ Shredding/ Multilat ion ମାଧମରେ ବିଳୟ କରିବା । ଉକ୍ତ ଆବର୍ଜନା ଗୁଡ଼ିକୁ outsourcing ମାଧମରେ ପଞ୍ଜିକୃତ recycler ଙ୍କୁ ଦେଇଦେବା ଉଚିତ୍ । ଏଥିରୁ ମିଳୁଥିବା ରାଶିକୁ R.K.S ରେ ଜମା କରାଯିବ ।
୩. ଧଳା	__ତୀକ୍ଷ୍ଣ ଧାରୁଆ ଆବର୍ଜନା__ Multilated ଛୁଞ୍ଚି, ସିରିଞ୍ଜ, ବ୍ଲେଡ୍, ଆଦି ବ୍ୟବହୃତ ଏବଂ ସଂକ୍ରମିତ ଧାରୁଆ / ତୀକ୍ଷ୍ଣ ଆବର୍ଜନା	ଛିଦ୍ରରୋଧକ Container (PPC)	ବିଶୋଧାନ (Disinfection) (With 10% Naocl) ସୋଡ଼ିୟମ ହାଇପୋକ୍ଲୋରାଇଡ୍ ସଲ୍ୟୁସନ୍ (କେମିକାଲ ଟ୍ରିଟ୍‌ମେଣ୍ଟ)/ ଅଟୋକ୍ଲେଭିଂ/ ମାଇକ୍ରୋୱେଭିଂ/ ମ୍ୟୁଟିଲେସନ୍ ।

(ii) ନାଲି ସଂକ୍ରମିତ ପ୍ଲାଷ୍ଟିକ୍ : ରୋଗୀ ସଂସ୍ପର୍ଶରେ ଆସୁଥିବା ପ୍ଲାଷ୍ଟିକ ପଦାର୍ଥ ଯଥା – କ୍ୟାଥେଟର, ଡ୍ରେନେଜ ଟ୍ୟୁବ୍, ସାଲାଇନ ନଳୀ, ରକ୍ତଥଳୀ, ଗ୍ଲୋଭସ୍, ଭେନ୍‌ଫ୍ଲୋନ୍, ମାସ୍କ, ଛୁଞ୍ଚି ବିହୀନ ସିରିଞ୍ଜ ଇତ୍ୟାଦି.......।

(iii) **ଧଳା** : ତୀକ୍ଷ୍ଣ ଆବର୍ଜନା :- ଛୁଞ୍ଚି, ଛୁଞ୍ଚି ଲାଗିଥିବା ସିରିଞ୍ଜ, ସଂକ୍ରମିତ ବ୍ଲେଡ / ଧାରୁଆ ବସ୍ତୁ ଇତ୍ୟାଦି......।

(iv) **ନୀଳ:** ସଂକ୍ରମିତ କାଚ / ଧାତୁ ଜନିତ ଆବର୍ଜନା – ଭଙ୍ଗାକାଚ, ଭାଏଲ୍ସ, ଏମ୍ପୁଲ୍‌ସ ଧାତୁ ଜନିତ ଆବର୍ଜନା (ସାଇଟୋଟକ୍ସିକ୍ ଡ୍ରଗ୍ସ ଦ୍ଵାରା ସଂକ୍ରମିତ ହୋଇନଥିବା)

(v) **କଳା:** ସାଧାରଣ ବର୍ଜ୍ୟବସ୍ତୁ, ଯେଉଁ ଗୁଡିକ ରୋଗୀ କିମ୍ବା, ଡାକ୍ତରଖାନାରେ ଉପସ୍ଥିତ ଥିବା ବ୍ୟକ୍ତି ବିଶେଷଙ୍କ ଦ୍ଵାରା ସୃଷ୍ଟି ହୋଇଥାଏ।

ଯଥା: (କଦଳୀ ଚୋପା, କାଗଜ, ପଲିଥିନ୍, ପାଣି ବୋତଲ ଇତ୍ୟାଦି)

ଜୈବ- ବର୍ଜ୍ୟବସ୍ତୁ ମାନଙ୍କର ସୁପରିଚାଳନାର ସୋପାନ:-

(ସ) **ପୃଥକୀକରଣ:-** ଉପରୋକ୍ତ ଆବର୍ଜନା ପୃଥକ ଭାବେ ସଂଗୃହୀତ ହେବା ଆବଶ୍ୟକ, କାରଣ ପ୍ରତ୍ୟେକ ପ୍ରକାର ଆବର୍ଜନାର ବିନଷ୍ଟୀକରଣ ପଦ୍ଧତି ସମାନ ନୁହେଁ।

ପୃଥକୀକରଣ (Segregation) ଆବର୍ଜନା ଉତ୍ପତ୍ତି ହେଉଥିବା ସ୍ଥାନ ମାନଙ୍କରେ ହିଁ କରାଯିବା ଜରୁରୀ (Segregation at source) କାରଣ ମିଶ୍ରିତ ଆବର୍ଜନାକୁ ପୃଥକ କରିବା ସମ୍ଭବ ନୁହେଁ । ୨୦୧୬ ମସିହା ଡାକ୍ତରଖାନା ବର୍ଜ୍ୟବସ୍ତୁ ଆଇନ ଅନୁଯାୟୀ ପ୍ରତ୍ୟେକ ପ୍ରକାରର ଆବର୍ଜନାର ଯେଉଁ ରଙ୍ଗୀନ ପାତ୍ର (Bin) ରେ ସଂଗ୍ରହ କରାଯିବ ତାର ରଙ୍ଗ ସ୍ଥିର କରାଯାଇଅଛି ଏବଂ ଏହି ନିୟମ ଅନୁସାରେ ଆମେ ଡାକ୍ତରଖାନା ମାନଙ୍କରେ ପୃଥକୀ କରଣର ନିୟମାବଳୀ ଅନୁସରଣ କରିବା।

(i) **ହଳଦିଆ (୧):-** ଶରୀରର କଟା ଅଂଶ, ମୃତ ଶିଶୁ (୨୦ ସପ୍ତାହ ମଧ୍ୟରେ) ତରଳ ଆବର୍ଜନା, ରକ୍ତ ଏବଂ ପୂଜ ସଂକ୍ରମିତ ଆବର୍ଜନା।

ହଳଦିଆ (୨) :- ଡିସ୍କାର୍ଡେଡ୍ ମେଡିସିନ୍ / ସାଇଟୋଟକ୍ସିକ୍ ଡ୍ରଗ୍ସ , ମାଇକ୍ରୋବାୟୋଲୋଜି ଓ ବାୟୋଟେକ୍ନୋଲୋଜି ଆବର୍ଜନା ।

ହଳଦିଆ (୩) :- ରକ୍ତ ସଂକ୍ରମିତ ବେଡ୍‌ସିଟ୍/ କନା, ରକ୍ତ ଭିଜା, ପୂଜ ଭିଜା ତୁଳା ଓ ବ୍ୟାଣ୍ଡେଜ୍ ଇତ୍ୟାଦି।

ହଳଦିଆ (୪) :– ରାସାୟନିକ ତରଳ ଆବର୍ଜନା (ପରୀକ୍ଷାଗାରରୁ ନିର୍ଗତ ତରଳ ଆବର୍ଜନା X-ray ଧୋଇବା ନିମନ୍ତେ ବ୍ୟବହୃତ ତରଳ ଆବର୍ଜନା ପରିତ୍ୟକ୍ତ ଫାର୍ମାଲିନ୍ ଇତ୍ୟାଦି ।

(ii) ଲାଲ୍ – ସଂକ୍ରମିତ ପ୍ଲାଷ୍ଟିକ୍ (ପୁନଃ ବ୍ୟବହାର ଯୋଗ୍ୟ) କ୍ୟାଥେଟର, ମୂତ୍ର ଥଳି, ସାଲାଇନ୍ , ଆଟାଚମେଣ୍ଟ ଡ୍ରେନେଜ ପାଇପ, ଛୁଞ୍ଚି ବିହୀନ ସିରିଞ୍ଜ , ଗ୍ଲୋଭସ୍, ମାସ୍କ, ଭାକ୍ୟୁଟେନରସ୍ ସାଲାଇନ ବୋତଲ ଇତ୍ୟାଦି........ ।

(iii) ଧଳା - ପ୍ରଥମେ ସିରିଞ୍ଜରେ ଲାଗିଥିବା ଛୁଞ୍ଚିଟିକୁ ନିଡିଲ୍ ସିରିଞ୍ଜ ଟର୍ମିନେଟର ର ପ୍ରଥମ ଗର୍ତ୍ତରେ ପୁରାଇ ପୋଡ଼ନ୍ତୁ। ଏବଂ ତାପରେ ଦ୍ୱିତୀୟ ଗର୍ତ୍ତରେ ନୋଜଲ୍‌ଟିକୁ ପୁରାଇ କାଟି ଦିଅନ୍ତୁ। ରହିଯାଇଥିବା ସିରିଞ୍ଜ ଏବଂ ପ୍ଲଞ୍ଜରକୁ ଲାଲ ରଙ୍ଗର ବିନ୍‌ରେ ପକାନ୍ତୁ । ଛୁଞ୍ଚି, ସିରିଞ୍ଜ, ବ୍ଲେଡ୍ ଆଦି ବ୍ୟବହୃତ ଏବଂ ସଂକ୍ରମିତ ଧାରୁଆ ଏବଂ ତିକ୍ଷ୍ଣ ଆବର୍ଜନା ଗୁଡ଼ିକୁ ଧଳା ପାରଦର୍ଶୀ ଜାରିକେନ୍ / ବିନ୍‌ରେ ୧୦% ସୋଡିୟମ୍ ହାଇପୋକ୍ଲୋରାଇଡ୍ ସଲ୍ୟୁସନ୍ (ଦ୍ରବଣ)ରେ ଅତି କମ୍‌ରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ।

(iv) ନୀଳ- ସଂକ୍ରମିତ କିମ୍ବା ବ୍ୟବହୃତ କାଚ ଆବର୍ଜନା, ଭାଏଲସ୍, ଏମ୍ପୁଲସ ଏବଂ ଧାତୁ ଜନିତ ଆବର୍ଜନା (ସାଇଟୋଟକ୍ସିକ ଡ୍ରଗ୍ସ ବିନା)

(v) କଳା- ସାଧାରଣ ବର୍ଜ୍ୟବସ୍ତୁ, (ରୋଗୀ ମାନଙ୍କ ଦ୍ୱାରା ନିର୍ଗତ ବର୍ଜ୍ୟ ଖାଦ୍ୟ ପଦାର୍ଥ , କାଗଜ , କଦଳୀ ଚୋପା, ପ୍ଲାଷ୍ଟିକ ପାଣି ବୋତଲ ଇତ୍ୟାଦି) ଗୁଡ଼ିକୁ କଳା ବାଲ୍ଟି ବା ବିନ୍‌ରେ ପକାନ୍ତୁ।

କରଣୀୟ/ ଅକରଣୀୟ

(i) ଡାକ୍ତଖାନାରୁ ନିର୍ଗତ ହେଉଥିବା ସଂକ୍ରମିତ ବର୍ଜ୍ୟବସ୍ତୁକୁ ସାଧାରଣ ବର୍ଜ୍ୟବସ୍ତୁ ସହିତ ମିଶାନ୍ତୁ ନାହିଁ। ଯଦି ଏହା ମିଶାଯାଏ ତେବେ ସମ୍ପୂର୍ଣ୍ଣ ବର୍ଜ୍ୟବସ୍ତୁ ସଂକ୍ରମିତ ହୋଇଯାଇଥାଏ ଯାହା ଫଳରେ କି ସୋପାନ ଅନୁଯାୟୀ / ପଦ୍ଧତି ଅନୁଯାୟୀ ବିନଷ୍ଟିକରଣ କରାଯାଇ ପାରିବନି।

(ii) ସର୍ବଦା ରଙ୍ଗଯୁକ୍ତ ପଲିଥିନର ତିନି ଚତୁର୍ଥାଂଶ ରୁ ଅଧିକ ବର୍ଜ୍ୟବସ୍ତୁ ରଖିବା ଅନୁଚିତ।

(iii) ଛୁଞ୍ଚିକୁ ସର୍ବଦା ନିଡିଲ୍ ସିରିଞ୍ଜ ଟର୍ମିନେଟର ଦ୍ୱାରା ପୋଡନ୍ତୁ ଏବଂ ହାଇପୋକ୍ଲୋରାଇଡ୍ ଦ୍ରବଣ ଦ୍ୱାରା ନିହାତି ଭାବରେ ବିଶୋଧନ କରନ୍ତୁ।

(iv) ବର୍ଜ୍ୟବସ୍ତୁ ପରିଚାଳନା ସମୟରେ ଗ୍ଲୋଭସ୍ , ମାସ୍କ ଏବଂ ଆପ୍ରୋନ ନିଜର ସୁରକ୍ଷା ନିମନ୍ତେ ବ୍ୟବହାର କରନ୍ତୁ।

ଜୈବ ବର୍ଜ୍ୟବସ୍ତୁର

<u>ଏକତ୍ରୀ କରଣ ଏବଂ ପରିବହନ :-</u>

ବର୍ଜ୍ୟବସ୍ତୁ ଉତ୍ପତ୍ତି ସ୍ଥାନ ଯଥା (ଡ୍ରେସିଂ ରୁମ୍, ପରୀକ୍ଷାଗାର, ଅସ୍ତ୍ରୋପଚାର ଗୃହ, ଇଞ୍ଜେକ୍‌ସନ୍ ଗୃହ, ଏସ.ଏନ୍.ସି.ୟୁ, ଆଇ.ସି.ୟୁ, ଓ.ପି.ଡି, ଆଇ.ପି.ଡି, ଏବଂ ଅନ୍ୟ ୱାର୍ଡ ମାନଙ୍କରେ ପୃଥକୀକରଣ କରାଯାଇଥିବା ଆବର୍ଜନା ଗୁଡ଼ିକୁ ଅନୁରୂପ ରଙ୍ଗର ପାତ୍ରରେ ସଂଗ୍ରହ କରାଯାଇ ଚକଲଗା ଗାଡ଼ି (Wheel Barrow) ସାହାଯ୍ୟରେ ବିନଷ୍ଟୀକରଣ ବା ବିଲୟ (Disposal) ସ୍ଥାନକୁ ନିଆଯାଏ। ପରିବହନ କରୁଥିବା କର୍ମଚାରୀ ସଂକ୍ରମିତ ଆବର୍ଜନାର ସଂସ୍ପର୍ଶରେ ଆସୁଥିବାରୁ ସୁରକ୍ଷା ପୋଷାକ ପିନ୍ଧିବା ଆବଶ୍ୟକ। ଏହାକୁ ପର୍ସନାଲ୍ ପ୍ରୋଟେକ୍‌ଟିଭ୍ ଇକ୍ୟୁପମେଣ୍ଟ (PEP) କୁହାଯାଏ। ଏଗୁଡିକ ହେଉଛି:- ୟୁଟିଲିଟି ଗ୍ଲୋବସ୍, ଗମ୍‌ଜୋତା, ଆପ୍ରନ, ଟୋପି, ମାସ୍କ, ଚଷମା ଇତ୍ୟାଦି, ସାଧାରଣ ଆବର୍ଜନାକୁ ଏକତ୍ରିତ କରି ଡାକ୍ତରଖାନା ପରିସରର ଏକ ନିର୍ଦ୍ଦିଷ୍ଟ ଓ ସୁରକ୍ଷିତ କୋଠରି ମଧ୍ୟରେ ରଖାଯିବା ଆବଶ୍ୟକ।

ଆଇନ ଅନୁଯାୟୀ କୌଣସି ଅଚିକିତ୍ସିତ ଜୈବ ଆବର୍ଜନା (Untreate BMW) ୪୮ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଡାକ୍ତରଖାନା ପରିସର ମଧ୍ୟରେ ରଖାଯିବା ଅନୁଚିତ୍। ଡାକ୍ତରଖାନାରୁ ନିର୍ଗତ ଜୈବ ଆବର୍ଜନା ଏକ ନିର୍ଦ୍ଦିଷ୍ଟ ପଥ ଦେଇ ,ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କରାଯିବା ଆବଶ୍ୟକ (ଯେଉଁବାଟରେ ଯାତାୟତ ବେଶୀ ନଥିବ ଓ ଅପେକ୍ଷାକୃତ କମ୍ ଗହଳି ଥିବ) (ସକାଳ ୬ଟାରୁ ୮ଟା ଏବଂ ଦିନ ୩ଟାରୁ ୪ଟା ମଧ୍ୟରେ) ବର୍ଜ୍ୟବସ୍ତୁ ରୁ ପୃଥକୀକରଣ , ଏକତ୍ରୀକରଣ ଓ ପରିବହନ ପଦ୍ଧତି ପରେ ସର୍ବଦା ନିଜ ହାତକୁ ସାବୁନ୍ ଏବଂ ପାଣିରେ ପରିଷ୍କାର ଭାବେ ୧୫ରୁ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଧୁଅନ୍ତୁ।

(iii) <u>ସଂକ୍ରମିତ ଆବର୍ଜନାର ବିଶୋଧନ ପଦ୍ଧତି :-</u>

(କ) ଧଳା ରଙ୍ଗର ଜାରିକେନ/ବିନ ରେ ସଂଗୃହିତ ହେଉଥିବା ସଂକ୍ରମିତ ଆବର୍ଜନା ଗୁଡ଼ିକୁ ସ୍ଥାନାନ୍ତରିତ କରିବା ପୂର୍ବରୁ ·୧୦% ସୋଡ଼ିୟମ ହାଇପୋକ୍ଲୋରାଇଡ୍ ଦ୍ରବଣ ରେ ବିଶୋଧିତ କରିବା ନିତ୍ୟାନ୍ତ ଆବଶ୍ୟକ କିମ୍ବା ଅଟୋକ୍ଲେଭିଂ ବ୍ୟବସ୍ଥା ଥିଲେ ଅଟୋକ୍ଲେଭିଂ କରି ପୁନଃ ବ୍ୟବହାର ନିମନ୍ତେ ଉପଯୁକ୍ତ ସଂସ୍ଥାକୁ ହସ୍ତାନ୍ତର କରାଯିବା ଉଚିତ୍।

ସେହିପରି ଛୁଞ୍ଚି, ବ୍ଲେଡ୍, ଇତ୍ୟାଦି ବସ୍ତୁ ଯାହାକି ଧଳା ଜାରିକେନରେ ସଂଗୃହିତ ହୋଇଥାଏ ସେ ସବୁକୁ ପ୍ରଥମେ ନିଡିଲ୍ ସିରିଞ୍ଜ ଟରମିନେଟରରେ ଛୁଞ୍ଚିକୁ ପୋଡାଯିବା ପରେ ନିଡିଲ୍ କଟରରେ ନୋଜଲ୍‌କୁ

ସମ୍ପୂର୍ଣ୍ଣ ରୂପେ କଟାଯାଇ ତାକୁ ଅତି କମ୍‌ରେ ୨୦ରୁ ୩୦ ମିନିଟ୍ ସମୟ ପର୍ଯ୍ୟନ୍ତ ହାଇପୋକ୍ଲୋରାଇଡ୍ ଦ୍ରବଣରେ ବୁଡ଼ାଇ ରଖିବା ଉଚିତ୍।

(iv) <u>ଡାକ୍ତରଖାନାର ଜୈବ ବର୍ଜ୍ୟବସ୍ତୁର ବିନଷ୍ଟୀକରଣ / ବିଲୟ (Treatment /disposal)</u>

ଉପରୋକ୍ତ ସୋପାନ ନିମନ୍ତେ ଅନେକ ଗୁଡ଼ିଏ ଅନୁମୋଦିତ ଉପାୟ ରହିଅଛି। ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ।

୧. ଇନ୍‌ସିନେରେସନ୍ (Incineration)

୨. ଅଟୋକ୍ଲେଭିଂ (Autoclaving)

୩. ମାଇକ୍ରୋୱେଭିଂ (Mlicrowaving)

୪. ଗଭୀର ଗାତ କରି ପୋତିବା (Deep Burnial) ଓ ଏହା କେବଳ ୫ ଲକ୍ଷରୁ କମ୍ ଲୋକ ସଂଖ୍ୟା ବିଶିଷ୍ଟ ଅଞ୍ଚଳ ମାନଙ୍କ ପାଇଁ ଅନୁମୋଦିତ ଓ ଉଦ୍ଦିଷ୍ଟ ଅଟେ ।

ଉପରୋକ୍ତ ପ୍ରଥମ ତିନୋଟି ଉପାୟ ବ୍ୟୟବହୁଳ ଏବଂ ସୁଦୂର ଓ ଗ୍ରାମାଞ୍ଚଳର ଡ଼ାକ୍ତରଖାନା ମାନଙ୍କରେ ପ୍ରାୟତଃ ସମ୍ଭବପର ହୋଇନପାରେ। ସହରାଞ୍ଚଳ ମାନଙ୍କରେ ଥିବା ଅନେକ ଗୁଡ଼ିଏ ଡାକ୍ତରଖାନା ଗୁଡ଼ିକରୁ ନିର୍ଗତ ହେଉଥିବା ଜୈବ ବର୍ଜ୍ୟ ଗୁଡ଼ିକର ବିନଷ୍ଟୀକରଣ ଓ ବିଲୟର ସୁବିଧା ନିମନ୍ତେ (Common Biomedical waste management & treatment facility / (CBWTF) ଉପଲବ୍ଧ କରାଯାଇପାରେ।

ହଳଦିଆ- ବର୍ତ୍ତମାନ ସମୟରେ ହଳଦିଆ ବିନ୍‌ରେ ସଂଗୃହୀତ ହେଉଥିବା ଶରୀରର କଟା ଅଂଶ, ମୃତ ଶିଶୁ (୨୦ ସପ୍ତାହ ମଧ୍ୟରେ) ରକ୍ତ ଓ ପୁଜ ସଂକ୍ରମିତ ଜୈବ ଆବର୍ଜନା, ରାସାୟନିକ ଆବର୍ଜନା, ଜୈବ ଆବର୍ଜନା ବିଶୋଧନ ପରେ ବ୍ୟୁରିଆଲ ପିଟ୍ / ଇନ୍‌ସିନେରେସନ ପଦ୍ଧତିରେ ବିଲୟ କରାଯାଉଅଛି।

ହଳଦିଆ ବିନ୍ – ହଳଦିଆ ବିନ୍‌ରେ ସଂଗୃହିତ ହୋଇଥିବା ଜୈବ- ବର୍ଜ୍ୟବସ୍ତୁ ଗୁଡ଼ିକୁ ଗଭୀର ଗର୍ତ୍ତ (Deep Burial) ପିଟ୍/ ପ୍ଲାଜ୍‌ମା ପାଇରୋଲିସିସ୍ / ଇନ୍‌ସିନେରେସନ୍ ପଦ୍ଧତ୍ତି ଦ୍ୱାରା ବିନଷ୍ଟକରଣ କରାଯାଏ।

୨. ନାଲିବିନ୍ - ନାଲିବିନ୍‌ରେ ସଂଗୃହିତ ହୋଇଥିବା ସଂକ୍ରମିତ ପ୍ଲାଷ୍ଟିକ୍ ଜୈବ ଆବର୍ଜନା ଗୁଡ଼ିକୁ ଅଟୋକ୍ଲେଭିଂ କିମ୍ବା ମାଇକ୍ରୋୱେଭିଂ ପଦ୍ଧତ୍ତି ଦ୍ୱାରା ବିଶୋଧିତ କରାଯାଇ ସ୍ରେଡର ଦ୍ୱାରା ବ୍ୟବହାର ଅନୁପଯୋଗୀ ନିମନ୍ତେ ଛୋଟ ଛୋଟ ଖଣ୍ଡରେ ପରିଣତ କରାଯାଏ।

୩. ଧଳା ପାରଦର୍ଶୀ ଛିଦ୍ରରୋଧକ ଜାରିକେନ୍ - ଧଳା ଜାରିକେନ୍‌ରେ ସଂଗୃହିତ ହେଉଥିବା ବିଶୋଧିତ ତୀକ୍ଷ୍ଣ ଜୈବ ବର୍ଜ୍ୟବସ୍ତୁ ଗୁଡ଼ିକ କଣ୍ଟେନଟ୍‌ମେଣ୍ଟ ଏରିଆ (Containtment Area) ରେ ଥିବା ସତନ୍ତ୍ର

ଡାଲାଦିଆ ଓ ଢାଙ୍କୁଣିଥିବା ଗର୍ତ୍ତରେ ପକାଇ ଦିଆଯାଏ (Sharp Pit) / ଅଟୋକ୍ଲେଭ୍/ ଡ୍ରାୟହିଟ୍ ଷ୍ଟେରିଲାଇଜେସନ କରି ସ୍ରେଡିଂ ବା ମିଉଟିଲାଇଜେସନ୍ (Mutilisation) କରି ରିସାଇକ୍ଲିଂ ଏଜେନ୍ସି କୁ ହସ୍ତାନ୍ତର କରାଯାଏ।

୪. **ନୀଳ ବିନ୍** - ନୀଳ ବିନ୍‌ରେ ସଂଗୃହିତ ହେଉଥିବା ଭଙ୍ଗା , ଅବ୍ୟବହୃତ ଓ ସଂକ୍ରମିତ କାଚ, ମେଡ଼ିସିନ୍ ଭାଏଲସ୍, ଆମ୍ପୁଲସ୍ ଇତ୍ୟାଦି ।

* ଜୀବ-କୋଷ ନାସକ ଔଷଧ (ସାଇଟୋଟକ୍ସିକ ଡ୍ରଗ୍ସ) ଏଥିରେ ପଡ଼ିବ ନାହିଁ

- ଧାତୁ ଜନିତ ବର୍ଜ୍ୟ ଆବର୍ଜନା ଗୁଡ଼ିକୁ ମଧ ନୀଳ ବିନ୍‌ରେ ପକାଯାଏ।

- ଏହି ଆବର୍ଜନା ଗୁଡ଼ିକୁ ସୋଡ଼ିୟମ ହାଇପୋକ୍ଲୋରାଇଡ୍ (୧୦%) ଦ୍ରବଣରେ ୨୦-୩୦ମିନିଟ୍ ପର୍ଯ୍ୟନ୍ତ ବତୁରାଇ ରଖାଯାଇ ବିଶୋଧନ କରିବା ଉଚିତ୍ କିମ୍ବା ଅଟୋକ୍ଲେଭ୍/ ମାଇକ୍ରୋୱେଭିଂ କରାଯାଇ ତାକୁ (Recycler) ଏଜେନ୍ସିକୁ ହସ୍ତାନ୍ତର କରାଯିବା ଉଚିତ୍ ।

୫.କଳାବିନ୍ – (ସାଧାରଣ ଆବର୍ଜନା) – ଡ଼ାକ୍ତରଖାନାରୁ ନିର୍ଗତ ସାଧାରଣ ଆବର୍ଜନା ଗୁଡ଼ିକୁ ନିର୍ଦ୍ଧାରିତ ସ୍ଥାନରୁ ମୁନ୍‌ସିପାଲ୍‌ଟି ବା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନଙ୍କ ଦ୍ଵାରା ନିୟମ ଅନୁସାରେ ୭୨ ଘଣ୍ଟା ମଧରେ ସ୍ଥାନାନ୍ତରିତ କରାଯିବା ଉଚିତ୍।

ପରିଚାଳନା – (Management)

- ଡାକ୍ତରଖାନା ମାନଙ୍କରୁ ନିର୍ଗତ ହେଉଥିବା ଜୈବ- ବର୍ଜ୍ୟବସ୍ତୁ ମାନଙ୍କର ସୁପରିଚାଳନା ନିମନ୍ତେ ଜୈବ ଜିଲ୍ଲା ସ୍ତରୀୟ କମିଟି ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ New BMWM 2016 ନିୟମ ଅନୁଯାୟୀ ଗଠନ କରାଯାଇ ଅଛି।
- ଏହି କମିଟି ଜିଲ୍ଲାର ସମସ୍ତ ଡାକ୍ତରଖାନା ମାନଙ୍କରେ ଜୈବ ବର୍ଜ୍ୟବସ୍ତୁର ପରିଚାଳନା ଓ ତଦାରଖ କରୁଛନ୍ତି।
- ଦ୍ୱିତୀୟତଃ ପ୍ରତ୍ୟେକ ଡ଼ାକ୍ତରଖାନା ମାନଙ୍କର ବର୍ଜ୍ୟବସ୍ତୁ ମାନଙ୍କର ସୁପରିଚାଳନା ନିମନ୍ତେ ଏକ ଟିମ୍ ରହିଅଛି ଏବଂ ଉକ୍ତ ଟିମ୍‌ରେ CDMO, ADMO, Med, ADMO(PH), ADMO(FW), ଅନ୍ୟ Specialist ଡ଼ାକ୍ତର ଫାର୍ମାସିଷ୍ଟ, Store Keeper, LT, BPO, Staff Nurse, Asst. Matron, Hospital Manager, DPM, Group D representative Supervisor, Outsourcing Agency for BMW, ଇତ୍ୟାଦି କର୍ମଚାରୀ ମେମ୍ବର ରହିଛନ୍ତି।

ଏହି କମିଟି ନିୟମିତ ଭାବେ ବର୍ଜ୍ୟବସ୍ତୁ ପରିଚାଳନାକୁ ତଦାରଖ କରୁଛନ୍ତି ଏବଂ ପରିଚାଳନାରେ ଉପୁଜୁଥିବା ଅସୁବିଧା ଗୁଡ଼ିକୁ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଉଛନ୍ତି।

ବର୍ଜ୍ୟ ବସ୍ତୁର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଉଅଛି ।

ଜିଲ୍ଲା ସ୍ତରର ବର୍ଜ୍ୟବସ୍ତୁ ପରିଚାଳନା କମିଟି ଯାହାକି DM ଏବଂ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଗଠିତ ହୋଇଛି, ତାହା ଉପରୋକ୍ତ ଟିମ୍‌କୁ ପରିଚାଳନା ଓ ତଦାରଖ କରିବେ।

ଡାକ୍ତରଖାନାର କର୍ମଚାରୀ ମାନଙ୍କର ଭୂମିକା ଏବଂ ଦାୟିତ୍ୱ: -

୧) ADMO (PH) – (Nodal officer of district) – ସର୍ବୋପରି ବର୍ଜ୍ୟବସ୍ତୁର ଦାୟୀତ୍ୱ।

୨) ବିଭାଗୀୟ ବିଶେଷଜ୍ଞ/ ଡାକ୍ତର – ତଦାରଖ ଓ ପର୍ଯ୍ୟବେକ୍ଷଣ କରିବେ।

୩) ସେବିକା (Asst. Matron / Nursing Sister) ହସ୍‌ପିଟାଲ୍ ମ୍ୟାନେଜର /DPM - ଜୈବ ବର୍ଜ୍ୟବସ୍ତୁ ଗୁଡିକର ପୃଥକୀକରଣ, ସଂଗ୍ରହ, ସ୍ଥାନାନ୍ତରଣ, ସଂଗ୍ରହିତ ଗୃହ (Storage Treatment), ବିନଷ୍ଟିକରଣ, ରେକର୍ଡ ମେଣ୍ଟେନାନ୍ସ ଓ ବ୍ୟବହୃତ ଉପକରଣର ତଦାରଖ ପ୍ରତିଦିନ କରିବେ ଏବଂ ADMO(Med.) ଙ୍କୁ ଅସୁବିଧା ସମ୍ବନ୍ଧରେ ଲିଖିତ ଭାବେ ଅବଗତ କରାଇବେ।

୪) ୪ର୍ଥ ଶ୍ରେଣୀ କର୍ମଚାରୀ / (Out Sourcing Personal) – ଜୈବ ବର୍ଜ୍ୟବସ୍ତୁ ଗୁଡିକର ପୃଥକୀକରଣ ଏକତ୍ରୀକରଣ, ଅନ୍ତଃ ପରିବହନ, ସ୍ଥାନାନ୍ତରଣ, ଚିକିତ୍ସା ବିନଷ୍ଟିକରଣ ଆବର୍ଜନାର ପରିମାଣର ଓଜନ୍, ରେଜିଷ୍ଟର ମେଣ୍ଟେନାନ୍ସ (Register Maintenance) କରିବେ।

ଏମାନେ କାର୍ଯ୍ୟ କରୁଥିବା ସମୟରେ PPE (Personal Protective equipments) ବ୍ୟବହାର କରିବେ, ଏବଂ ହେପାଟାଇଟିସ୍ B– ଓ ଟିଟାନସ୍‌ର ଟୀକା ନିୟମିତ ବ୍ୟବଧାନରେ ନେବେ।

୫) ରେଜିଷ୍ଟର ମେଣ୍ଟେନାନ୍ସ – ରାଜ୍ୟ ପ୍ରଦୂଷଣ ବୋର୍ଡ (ଓଡିଶା)ର ନିୟମ ଅନୁଯାୟୀ ଉଭୟ ଉତ୍ପତ୍ତିସ୍ଥଳ (Generation Point) ଏବଂ ଏକତ୍ରୀକରଣ ବିଶୋଧନ ଓ ବିଳୟ କରାଯାଉ ଥିବା ସ୍ଥାନରେ ମଧ୍ୟ ରେଜିଷ୍ଟର ମେଣ୍ଟେନ ହେବା ନିତ୍ୟାନ୍ତ ଆବଶ୍ୟକ।

ଏହି ରେଜିଷ୍ଟରକୁ ବିଧେୟ କରି ଆନୁଆଲ ରିପୋଟ୍ ପ୍ରତିବର୍ଷ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ପଠାଯିବା ଉଚିତ୍।

ବର୍ତ୍ତମାନ ଜିଲ୍ଲା ସଦର ମହକୁମା ଡାକ୍ତରଖାନା ଏବଂ (CHC/SDH) ଗୁଡିକର ପରିମଳ ବ୍ୟବସ୍ଥାର ଘରୋଇକରଣ (Out Sourcing) କରାଯାଉଅଛି। ଘରୋଇ ସଂସ୍ଥା (Out Sourcing Agency) ର ତାଲିମ ପ୍ରାପ୍ତ କର୍ମଚାରୀ ଜୈବ ବର୍ଜ୍ୟବସ୍ତୁ ଗୁଡିକର ସଂଗ୍ରହ, ଅନ୍ତଃ ପରିବହନ ଏବଂ ବିଶୋଧନ ଓ

ବିନଷ୍ଟିକରଣ ପ୍ରକ୍ରିୟାର ଦାୟିତ୍ୱ ନେବେ। ତଦନୁଯାୟୀ ଚୁକ୍ତିପତ୍ର ସ୍ୱାକ୍ଷରିତ ହେଉଅଛି। ଏହି ପ୍ରକ୍ରିୟା ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଥିଲେ ଡାକ୍ତରଖାନା ପରିସର ମଧ୍ୟରେ କିମ୍ବା ସୁବିଧାର ଅଭାବ ଥିଲେ ଡାକ୍ତରଖାନା ପରିସର ବାହାରେ ହୋଇଥାଏ। (It can be treated on site / off site of the hospital campus).

ତାଲିମ୍ (Training):-

କୌଣସି ବି କାର୍ଯ୍ୟ ସଠିକ ଓ ସୁଚାରୁ ରୂପେ ସମ୍ପାଦିତ କରିବା ନିମନ୍ତେ ସଠିକ ଓ ଉପଯୁକ୍ତ ତାଲିମ୍‌ର ଆବଶ୍ୟକତା ରହିଥାଏ। ସେହିପରି ଡାକ୍ତରଖାନାର ଜୈବ ବର୍ଜ୍ୟବସ୍ତୁ ଗୁଡିକର ସୁପରିଚାଳନା ନିମନ୍ତେ ଡାକ୍ତରଖାନାର ପ୍ରତ୍ୟେକ କର୍ମଚାରୀ ଉପରୋକ୍ତ ନିୟମ ଓ ବ୍ୟବସ୍ଥା ବିଷୟରେ ଅବଗତ ହେବା ନିହାତି ଆବଶ୍ୟକ । ଏଥିନିମନ୍ତେ ତାଲିମର ଆବଶ୍ୟକତା ରହିଛି। ଏହି ତାଲିମ୍ ନିୟମିତ ବ୍ୟବଧାନରେ ହେବା ଉଚିତ୍। ଜୈବ ବର୍ଜ୍ୟବସ୍ତୁ (ଆବର୍ଜନା) କମିଟି / ଟିମ୍ ଆବଶ୍ୟକୀୟ ତାଲିମର ବ୍ୟବସ୍ଥା କରିବେ।

ପୁନଃ ବ୍ୟବହାର ରୋକିବେ କିପରି (Reusing)

ଡାକ୍ତରଖାନାରୁ ନିର୍ଗତ ହେଉଥିବା ସଂକ୍ରମିତ ପ୍ଲାଷ୍ଟିକ ଜୈବ ବର୍ଜ୍ୟବସ୍ତୁ ଗୁଡିକ ଯଥା – ସାଲାଇନ୍ ବୋତଲ, ସାଲାଇନ୍ ପାଇପ୍, ଛୁଞ୍ଚି ବିହୀନ ସିରିଞ୍ଜ, ଗ୍ଲୋଭସ, କ୍ୟାଥେଡର, ମାସ୍କ, ଭାକ୍ୟୁଟେନର, IV ବୋତଲ ଇତ୍ୟାଦି ଆମ ସମାଜରେ ଥିବା କିଛି ଅସାମାଜିକ ଲୋକ ମାନଙ୍କ ଦ୍ୱାରା ସଂଗୃହୀତ ହୋଇ ବିଶୋଧନ କରାନଯାଇ ପୁନଃ ପ୍ୟାକିଂ କରାଯାଇ ବିକ୍ରି କରାଯାଉ ଅଛି। ଏହି ପ୍ରକ୍ରିୟା ମାରାତ୍ମକ ରୋଗ ମାନ ସଂକ୍ରମଣ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି, ତେଣୁ ଏହି ପ୍ରକ୍ରିୟାକୁ ରୋକିବା ନିତ୍ୟାନ୍ତ ଆବଶ୍ୟକ।

ଏହାକୁ ରୋକିବା ପାଇଁ ନିମ୍ନ ଲିଖିତ ପଦ୍ଧତିମାନ ଅନୁସରଣ କରିବା ଆବଶ୍ୟକ:-

- ବ୍ୟବହୃତ ପ୍ଲାଷ୍ଟିକ ଜୈବ ବର୍ଜ୍ୟବସ୍ତୁ ଗୁଡ଼ିକୁ କଇଁଚି କିମ୍ବା ବ୍ଲେଡ୍ ଦ୍ୱାରା ଛୋଟ ଛୋଟ ଖଣ୍ଡ କରି କାଟି ନାଲି ବିନ୍‌ରେ ପକାଇବା ଉଚିତ୍ ।
- ସିରିଞ୍ଜ ନୋଜଲ୍‌ଟିକୁ ନିଡ଼ିଲ ସିରିଞ୍ଜ ଟର୍ମିନେଟର ୨ୟ ଗର୍ତ୍ତରେ ପୁରାଇ କାଟିଦିଅନ୍ତୁ ।
- ଏହି ପ୍ଲାଷ୍ଟିକ ଜୈବ ବର୍ଜ୍ୟବସ୍ତୁ, ଗୁଡ଼ିକୁ ଆହୁରି ଛୋଟ କରିବା ପାଇଁ ସ୍ରେଡର ଯନ୍ତ୍ର ର ବ୍ୟବହାର କରନ୍ତୁ।
- ସର୍ବଦା ଇଞ୍ଜେକ୍ସନ୍ ଦେବା ପରେ ଛୁଞ୍ଚି ଓ ନୋଜଲ୍ ଗୁଡ଼ିକୁ କାଟି ଦେଇ ଛିଦ୍ର ରୋଧକ ଧଳା ପାରଦର୍ଶୀ ଜାରିକେନ୍‌ରେ ଥିବା ୧୦% ହାଇପୋକ୍ଲୋରାଇଡ୍ ଦ୍ରବଣରେ ଅତି କମ୍‌ରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖିବା ଉଚିତ୍।

– ଜୈବ ବର୍ଜ୍ୟ ଆବର୍ଜନାର ପ୍ରକାର ଭେଦ ଏବଂ ତାର ବିନଷ୍ଟିକରଣ ଓ ବିଲୟର ଉପାୟ –

ଆବର୍ଜନାର ପ୍ରକାର	ବିନ୍ (ପାତ୍ର)	କେମିକାଲଟ୍ରିଟମେଣ୍ଟ	ଅଟୋକ୍ଲେଭିଂ	ମାଇକ୍ରୋୱେଭିଂ	ମ୍ୟୁଟିଲେସନ୍	ଇନ୍‌ସିନେରେସନ୍	DBP	ଅନ୍ୟାନ୍ୟ* CBMTR
୧.ମଣିଷ ଶରୀରର ଅଂଶ ମୃତ ଶିଶୁ ଭ୍ରୁଣ (୨୦ ସପ୍ତାହ ମଧ୍ୟରେ)						✓	✓	
୨. ଜୀବଜନ୍ତୁ ଆବର୍ଜନା						✓	✓	
୩. ରକ୍ତଭିଜା, ତୁଳା, ଗଜ କପଡା, Blood & Blood Products			✓			✓	✓	
୪. ପରିତ୍ୟକ୍ତ ଔଷଧ ଓ ଜୀବକୋଷ ନାସକ ଔଷଧ	ହଳଦିଆ	To be returned to the central drug ware house of the district of manufacturer.				✓	×	
୫. ରାସାୟନିକ ଆବର୍ଜନା		✓				✓		
୬. ତରଳ ଆବର୍ଜନା		✓				✓		ଇ.ଟି.ପି. /STP
୭. ରକ୍ତ ସଂକ୍ରମିତ ବେଡସିଟ୍ ଓ କପଡ଼ା		✓	✓	✓		✓		✓
୮. ମାଇକ୍ରୋବାୟୋଲୋଜି ଓ ବାୟୋଟେକ୍ନୋଲୋଜି ଆବର୍ଜନା		✓	✓			✓		✓
୯. ସଂକ୍ରମିତ ପ୍ଲାଷ୍ଟିକ (କ୍ୟାଥେଟର, ମୂତ୍ରଥଳୀ, ସାଲାଇନ୍, ଗ୍ଲୋଭସ୍)	ଲାଲ୍	✓	✓	✓	✓	×		
୧୦. ତୀକ୍ଷ୍ଣ / ଧାରୁଆ ଆବର୍ଜନା (ଛୁଞ୍ଚ, ବ୍ଲେଡ୍)	ଧଳା	✓	✓	✓	✓	✓		sharp pit
୧୧. ଭଙ୍ଗାକାଚ, ଭାଏଲସ୍ ଏମ୍ପୁଲସ୍, ଧାତୁ ଜନିତ ସଂକ୍ରମିତ ବର୍ଜ୍ୟବସ୍ତୁ।	ନୀଳ	✓	✓			✓		✓
୧୨. ସାଧାରଣ ଆବର୍ଜନା (ପେପର, ମେଡିସିନ ଖୋଳ, ଫଳ / ପରିବା ଚୋପା ଇତ୍ୟାଦି)	କଳା	×	×	×	×	×	×	✓

(କେଉଁ ସ୍ଥାନରୁ କେଉଁ ପଦାର୍ଥ ବାହାରେ)

ଉତ୍ପତ୍ତି ସ୍ଥଳରୁ ନିର୍ଗତ ହେଉଥିବା ଜୈବ ବର୍ଜ୍ୟବସ୍ତୁର ପ୍ରକାର ଭେଦ

(Source wise type of waste generated)

କ୍ରମାଙ୍କ	ଉତ୍ପତ୍ତିସ୍ଥଳ	ଶରୀରର କଟା ଅଂଶ ମୃତ ଶିଶୁ ଭ୍ରୂଣ (୨୦ ସପ୍ତାହ ମଧ୍ୟରେ)	ସଂକ୍ରାମିତ ଜୈବ ବର୍ଜ୍ୟବସ୍ତୁ	ସଂକ୍ରମିତ ତୀକ୍ଷ୍ଣ ବର୍ଜ୍ୟବସ୍ତୁ	ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ	ସାଧାରଣ ବର୍ଜ୍ୟବସ୍ତୁ
୧.	ଓଟି (OT) (ଅସ୍ତ୍ରୋପଚାର ଗୃହ)	✓	✓	✓	✓	✓
୨.	ଲେବର ରୁମ (LR) (ପ୍ରସୂତୀ ଗୃହ)	✓	✓	✓	✓	✓
୩.	ଲାବୋରେଟ୍ରୋରି (Lab) (ପରୀକ୍ଷା ଗାର)	×	✓	✓	✓	✓
୪.	ୱାର୍ଡ	×	✓	✓	✓	✓
୫.	ଡ୍ରେସିଂରୁମ	✓	✓	✓	✓	✓
୬.	ଡ୍ୟୁଟି ରୁମ	✓	×	×	×	✓
୭.	ଔଷଧ ବଣ୍ଟନ ଗୃହ	×	×	✓	✓	✓
୮.	ଷ୍ଟୋର ରୁମ	×	×	×	✓	✓
୯.	ଓ.ପି.ଡି	×	×	✓	✓	✓
୧୦.	ଇଞ୍ଜେକସନ୍ ଗୃହ	×	✓	✓	✓	✓
୧୧.	ରଞ୍ଜନ ରଶ୍ମୀ ଗୃହ	×	✓	✓	✓	✓
୧୨.	ସ୍ପେସାଲିଷ୍ଟ ଡାକ୍ତରଙ୍କ ଗୃହ	×	✓	✓	✓	✓
୧୩.	ପିପିସି ଓଟି	✓	✓	✓	✓	✓
୧୪.	ରୋଷେଇ ସାଳା	×	×	×	×	✓
୧୫.	ଅଫିସ୍	×	×	×	×	✓
୧୬.	ରୋଗୀ ଓ ଅଟେଣ୍ଡାଣ୍ଡ ବିଶ୍ରାମ ଗୃହ	×	×	×	×	✓
୧୭.	ଷ୍ଟାଫ କ୍ୟାଣ୍ଟିନ ବୁଥ୍	×	×	×	×	✓
୧୮.	ଔଷଧ ଦୋକାନ (ପରିସର ମଧ୍ୟରେ ଥିବା)	×	×	×	✓	✓
୧୯.	ବ୍ଲଡ୍ ବ୍ୟାଙ୍କ	×	✓	✓	✓	✓
୨୦.	ଶବ ବ୍ୟବଚ୍ଛେଦ ଗୃହ ।	✓	✓	×	✓	✓

ହାତଧୁଆ ପଦ୍ଧତି



ହାତ ଧୋଇବାର ସଠିକ୍ ପଦ୍ଧତି

❖ ହାତକୁ ପାଣିରେ ଓଦା କରି ସାବୁ ନ ଲଗାନ୍ତୁ ଏବଂ ତଳେ ଦିଆଯାଇଥିବା ପଦ୍ଧତିକୁ ଅନୁସରଣ କରନ୍ତୁ।

<u>୧ମ ସୋପାନ:</u> ଏହାପରେ ବାମ ପାପୁଲିରେ ଡାହାଣ ହାତ ପାପୁଲିର ପଛ ପାଖକୁ ଏବଂ ଡାହାଣ ପାପୁଲିରେ ବାମ ହାତ ପାପୁଲିର ପଛ ଭାଗକୁ ଘସନ୍ତୁ।

<u>୨ୟ ସୋପାନ:</u> ପୂର୍ବପରି ହାତ ପାପୁଲିରେ ଆଙ୍ଗୁଳି ଓ ଗଣ୍ଠି ସହିତ ଭଲ ଭାବରେ ଘସନ୍ତୁ।

<u>୩ୟ ସୋପାନ:</u> ଏହାପରେ ଆଙ୍ଗୁଳିର ଉପର ଭାଗକୁ ପାପୁଲି ଭିତରେ ପୁରାଇ ସଫା କରନ୍ତୁ।

<u>୪ର୍ଥ ସୋପାନ:</u> ବାମ ହାତ ପାପୁଲିରେ ଡାହାଣ ହାତ ବୃଦ୍ଧା ଆଙ୍ଗୁଳି ଓ ଡାହାଣ ହାତ ପାପୁଲିରେ ବାମ ହାତର ବୃଦ୍ଧା ଆଙ୍ଗୁଳିକୁ ଭଲ ଭାବରେ ବୁଲାଇ ବୁଲାଇ ସଫା କରନ୍ତୁ।

<u>୫ମ ସୋପାନ:</u> ସବୁ ଆଙ୍ଗୁଳିର ଉପର ଭାଗକୁ ଏକା ସହିତ ବିପରୀତ ପାପୁଲିରେ ସ୍ଥାନିତ କରି ଘସନ୍ତୁ।

<u>୬ଷ୍ଠ ସୋପାନ:</u> ହାତ କଚଟି ବା ମଣିବନ୍ଧକୁ ଘସି ସଫା କରନ୍ତୁ।

<u>୭ମ ସୋପାନ:</u> ଏହାପରେ ହାତକୁ ଛନ୍ଦା ଛନ୍ଦି କରି ପାଣିରେ ଭଲ ଭାବେ ସଫା କରନ୍ତୁ।

(ହାତ ଧୋଇ ସାରିବା ପରେ ହାତକୁ ଟାୱେଲରେ ପୋଛିବା ନିଷେଧ ଅଟେ)।

ସୁରକ୍ଷା ପୋଷାକ



BIOHAZARD SYMBOL

BIOHAZARD